ODISHA POLICE
STATE HEADQUARTERS
CUTTACK.

---

# ପ୍ରେସନୋଟ

୦୯. ୦୯. ୨୦୨୫

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ପୋଲିସ ଅପରାଧ ନିରାକରଣ ବିଭାଗ ଆନୁକୂଲ୍ୟରେ ମହିଳା ଓ ଶିଶୁ ସୁରକ୍ଷା ନିମନ୍ତେ ଏକ ଦିନିକିଆ କର୍ମଶାଳା ଭୁବନେଶ୍ୱର ସ୍ଥିତ ପୋଲିସ ଭବନ ଠାରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳା ରେ ରାଜ୍ୟ ଆରକ୍ଷୀ ମହା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉକ୍ତ କର୍ମଶାଳା କୁ ଉଦ୍ଘାଟନ କରିଥିଲେ । ଉଦ୍ଘାଟନୀ ଭାଷଣରେ ଶ୍ରୀଯୁକ୍ତ ଖୁରାନିଆ  ରାଜ୍ୟର ମହିଳା ଏବଂ କନ୍ୟାମାନଙ୍କୁ ସୁରକ୍ଷିତ ରଖିବା ଆମର ପ୍ରାଥମିକ କର୍ତ୍ତବ୍ୟ ବୋଲି ଉଲ୍ଲେଖ କରିଥିଲେ । ଆଗାମୀ ଦିନରେ "ବିକଶିତ ଓଡ଼ିଶା ୨୦୩୬"ର ସ୍ୱପ୍ନକୁ ସାକାର କରିବାରେ ସେମାନଙ୍କ ଭୂମିକା ଅତୁଳନୀୟ ରହିବ ବୋଲି ମତବ୍ୟକ୍ତ କରିଥିଲେ । ଏହା ସହ ଆଗାମୀ ଦିନରେ ସାରା ଦେଶରେ ଓଡ଼ିଶାକୁ ମହିଳା ସୁରକ୍ଷିତ ରାଜ୍ୟର ଉଦାହରଣ ରୂପେ ପରିଗଣିତ କରିବାକୁ ଓଡ଼ିଶା ପୋଲିସ ପ୍ରତିଶ୍ରୁତିବଦ୍ଧ ବୋଲି ଡିଜିପି ଶ୍ରୀ ଖୁରାନିଆ ପ୍ରକାଶ କରିଛନ୍ତି। ଏହି ଅବସରରେ ଡିଜିପି ସମସ୍ତ ପୋଲିସ ଅଧିକାରୀ ମାନଙ୍କୁ ମିଳିମିଶି ଏକ ସୁରକ୍ଷିତ ଓଡ଼ିଶା ଗଢ଼ିବା ନିମନ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି।

ଓଡ଼ିଶାର ମହିଳାମାନେ ହେଉଛନ୍ତି  ସମାଜର ଭିତ୍ତିଭୂମି।  ସମାଜକୁ ସଠିକ ଢଙ୍ଗରେ ପରିଚାଳନା କରିବାରେ ସେମାନଙ୍କ ଉଦ୍ୟମ ପ୍ରଶଂସନୀୟ।  କିନ୍ତୁ, ବିଭିନ୍ନ ସମୟରେ ମହିଳାମାନେ ଧର୍ଷଣ, ଯୌନ ଅତ୍ୟାଚାର, ଘରୋଇ ହିଂସା, ରାସ୍ତାରେ ନିର୍ଯାତନା ଏବଂ ସାଇବର ଅପରାଧର ଶିକାର ହେଉଛନ୍ତି।  ଏହା ଆମ ସମସ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ ବୋଲି ଡିଜିପି କହିଛନ୍ତି। ଏହାକୁ ରୋକିବାକୁ ପ୍ରତିଟି ସ୍ତରରେ ଯତ୍ନବାନ ହେବାକୁ  ଡିଜିପି

ପରାମର୍ଶ ଦେଇଥିଲେ । ତଦନ୍ତକାରୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି, Supervising Officer ଏବଂ ଜିଲ୍ଲା ଏସପି ସମସ୍ତେ ଏ ଦିଗରେ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ।

ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ  ମହିଳା ମାନଙ୍କ ଉପରେ ହେଉଥିବା ବିଭିନ୍ନ ଅପରାଧରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରିବାକୁ ଓଡ଼ିଶା ପୋଲିସକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।  ସେଥିପାଇଁ, ସମଗ୍ର ରାଜ୍ୟରେ ୫୩୭ଟି ଥାନାରେ ଖୋଲାଯାଇଥିବା "ମହିଳା ଓ ଶିଶୁ ଡେସ୍କ"ର ସଠିକ ପରିଚାଳନା ଓ ତଦାରଖ କରିବାକୁ ଡିଜିପି ବରିଷ୍ଠ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହା ସହ ବିଭିନ୍ନ ଜିଲ୍ଲାରେ ସଂଘଟିତ ହୋଇଥିବା ଗଣ ବଳାତ୍କାର ଭଳି ସଙ୍ଗୀନ ଘଟଣା ସମାଜରେ ମହିଳା ମାନଙ୍କ ମନୋବଳକୁ ଦୁର୍ବଳ କରିଛି। ଏହି ସବୁ ମାମଲାଗୁଡିକରେ  ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଦୋଷୀକୁ ଉପଯୁକ୍ତ ଦଣ୍ଡବିଧାନ କରିବାରେ ଅଗ୍ରଣୀ ଭୁମିକା ତୁଲାଇବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ।

ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଅନୁସାରେ, ଓଡ଼ିଶାରେ ଏଭଳି ମାମଲାର ଦଣ୍ଡାଦେଶ ହାର ୨.1% ମାତ୍ର  ଯାହା ଯଥେଷ୍ଟ ନୁହେଁ। ତଦନ୍ତରେ ଗତିଶୀଳତା, ଉପଯୁକ୍ତ ପ୍ରଶିକ୍ଷଣ, ଏବଂ ପୀଡ଼ିତାଙ୍କ ପ୍ରତି ସହାନୁଭୂତିପୂର୍ଣ୍ଣ ବ୍ୟବହାର ଦ୍ୱାରା ଦଣ୍ଡାଦେଶ ହାରକୁ  ବୃଦ୍ଧି କରିବା ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ।

ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ  ଅନୁଯାୟୀ ସୀମିତ ସମୟ ମଧ୍ୟରେ ତଦନ୍ତ, ଶୂନ୍ୟ FIR, e-FIR ଭଳି ସୁବିଧା ଉପଲବ୍ଧ ରହିଛି। ଏହା ଦ୍ୱାରା ଅପରାଧୀଙ୍କୁ ସ୍ୱଳ୍ପ ସମୟ ମଧ୍ୟରେ ଦଣ୍ଡିତ କରାଯାଇ ପାରିବ।

ରାଜ୍ୟ ବାହାରକୁ ମହିଳା ଓ ଶିଶୁ ଚାଲାଣ କୁ ରୋକିବା ତଥା ନିଖୋଜ ଥିବା ମହିଳା ଓ ଶିଶୁ ମାନଙ୍କୁ ଠାବ କରି  ଫେରାଇ ଆଣିବା ନିମନ୍ତେ  "Crime Against Women & Children Wing (CAW & CW)"  ପକ୍ଷରୁ ୩୭ଟି Anti-Human Trafficking Unit ସ୍ଥାପନ କରାଯାଇଛି।  ମହିଳା ମାନଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହେବା ନିମନ୍ତେ ରାଜ୍ୟର ୧୦୦ରୁ ଅଧିକ ଥାନାରେ ମହିଳା ଅଧିକାରୀଙ୍କୁ ଥାନାର ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି।

ଏହା ସହ ମହିଳା ଓ ଶିଶୁ ମାନଙ୍କ ସମ୍ବେଦନଶୀଳ ଛବି ଓ ଭିଡିଓ ଗୁଡ଼ିକର ଦୃତ ପ୍ରଘଟକୁ ରୋକିବା ପାଇଁ ସାଇବର ପାଟ୍ରୋଲିଂ  ବୃଦ୍ଧି ଓ ସୋସିଆଲ୍ ମିଡିଆ ମନିଟରିଂ କୁ ଅଧିକ କ୍ରିୟାଶୀଳ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ।

ଡିଜିପି କ୍ରାଇମବ୍ରାଞ୍ଚ ଶ୍ରୀ ବିନାୟତୋଷ ମିଶ୍ର ଉପସ୍ଥିତ ରହି ମହିଳା ସୁରକ୍ଷା ସଂକ୍ରାନ୍ତରେ ଗୁରୁତ୍ୱାରୋପ କରୁଥିଲେ।

ଏହି ଅବସରରେ ନାବାଳିକାଙ୍କୁ ଦୁଷ୍କର୍ମ ଭଳି ସଙ୍ଗୀନ ମାମଲା ଗୁଡିକରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା 13ଟି ଜିଲ୍ଲାର ଏସପି, ତଦନ୍ତକାରୀ ଅଧିକାରୀ, ତଦାରଖକାରୀ ଅଧିକାରୀ ଏବଂ ସରକାରୀ ଓକିଲଙ୍କୁ ଡିଜିପି ମାନପତ୍ର ପ୍ରଦାନ କରିବା ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉତ୍ସାହିତ କରିଥିଲେ।

ନୂତନ ଆଇନ କାର୍ଯ୍ୟକାରୀ ହେବା ପରେ  ଚାର୍ଜ ସିଟ ଦାଖଲ କରିବା ଠାରୁ ଆରମ୍ଭ କରି ବିଚାର ପ୍ରକ୍ରିୟାକୁ ତୁରନ୍ତ ସମାପ୍ତ କରିବା ସହ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି।  ଉଲ୍ଲେଖ ଯୋଗ୍ୟ ଯେ, ଡିଜିପି ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧ ସଂକ୍ରାନ୍ତୀୟ ମାମଲାଗୁଡିକୁ ନିଜେ ଅନୁଧ୍ୟାନ କରୁଛନ୍ତି। ଏହା ସହ  ଏଭଳି ସଙ୍ଗୀନ ମାମଲା ଗୁଡିକରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ତଦନ୍ତକାରୀ ଅଧିକାରୀ ମାନଙ୍କୁ ଅତ୍ୟାଧୁନିକ ବୈଜ୍ଞାନିକ କୌଶଳ ଓ ଉପକରଣର ବ୍ୟବହାର କରି ତ୍ୱରିତ ବେଗରେ ତଦନ୍ତ କରି ଚାର୍ଜସିଟ ଦାଖଲ  କରିବାକୁ ସମସ୍ତ ଜିଲ୍ଲାର ଏସପି, ରେଞ୍ଜ ଆଇଜି, ଡିଆଇଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଓଡ଼ିଶା ପୋଲିସର ତଦନ୍ତ ଶୈଳୀ, ବୃତ୍ତିଗତ ଦକ୍ଷତା,  ପୀଡିତା  ଏବଂ ସାକ୍ଷୀ ମାନଙ୍କ ବୟାନ ଯୋଗୁଁ ଏହି ମାମଲା ଗୁଡିକରେ ପୋଲିସକୁ ଉଲ୍ଲେଖନୀୟ ସଫଳତା ମିଳିଛି।

ଏହି ୧୩ଟି ମାମଲା ମଧ୍ୟରୁ ୧୧ଟି ମାମଲାରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଏବଂ ତା'ଠାରୁ ଅଧିକ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରାଯାଇଛି।

ଝାରସୁଗୁଡ଼ା ଜିଲ୍ଲା, ବ୍ରଜରାଜନଗର ଥାନାରେ ପଞ୍ଜିକୃତ ହୋଇଥିବା ଏକ ଦୁଷ୍କର୍ମ ମାମଲାରେ ମାତ୍ର 55 ଦିନରେ ଅଭିଯୁକ୍ତକୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରାଯାଇଥିଲା।

ସେହିପରି, ବାଲେଶ୍ୱର ଜିଲ୍ଲା ରେମୁଣା ଥାନାରେ ପଞ୍ଜିକୃତ ହୋଇଥିବା ଏକ ଦୁଷ୍କର୍ମ ମାମଲାରେ ମାତ୍ର ୭୭ ଦିନ ମଧ୍ୟରେ ଅଭିଯୁକ୍ତକୁ ୨୦ ବର୍ଷ ଦୋଷୀ ସାବ୍ୟସ୍ତ କରାଯାଇଥିଲା।

ସେହିପରି ବାଲେଶ୍ୱର ଜିଲ୍ଲା ସିଂଗଲା ଥାନାରେ ପଞ୍ଜିକୃତ ହୋଇଥିବା ଅନ୍ୟ ଏକ ଦୁଷ୍କର୍ମ ମାମଲାରେ ମାତ୍ର 104 ଦିନ ମଧ୍ୟରେ ଅଭିଯୁକ୍ତକୁ 25 ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରାଯାଇଥିଲା।

ଏହି ୧୩ ଟି ମାମଲା ମଧ୍ୟରୁ ବାଲେଶ୍ୱର ଜିଲ୍ଲାର ତିନୋଟି, ଯାଜପୁର, କେନ୍ଦ୍ରାପଡ଼ା ଏବଂ ବ୍ରହ୍ମପୁରର ଦୁଇଟି ଏବଂ ଝାରସୁଗୁଡ଼ା ମୟୁରଭଞ୍ଜ, ଜଗତସିଂହପୁର ଏବଂ ଗଞ୍ଜାମର ଗୋଟିଏ ଲେଖାଏଁ ମାମଲା ରହିଛି, ଯେଉଁଥିରେ ଅଭିଯୁକ୍ତଙ୍କୁ ଅଳ୍ପ ଦିନ ମଧ୍ୟରେ ଦୋଷୀ ସାବ୍ୟସ୍ତ କରାଯାଇଛି।

ଏହି ସମ୍ମିଳନୀରେ ଉତ୍ତରପ୍ରଦେଶ ଡିଜିପି ଶ୍ରୀମତୀ ରେଣୁକା ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ଼ଃ ମିତାଲି ଚିନାରା, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପ୍ରଫେସର ସୁମନ ଦାସ ଭଟ୍ଟମିଶ୍ର, ଡ଼ ସୁଜାତା ମିଶ୍ର, ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଶ୍ରୀମତୀ ସୁମିତ୍ରା ପଟ୍ଟନାୟକ, ଅତିରିକ୍ତ ସଚିବ, ମହିଳା ଓ ଶିଶୁ ବିଭାଗ, ଶ୍ରୀମତୀ ଅନନ୍ୟା ଦାସ, ନିର୍ଦ୍ଦେଶକ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପ୍ରମୁଖ ଉପସ୍ଥିତ ରହି ସମାଜରେ ମହିଳାଙ୍କ ସ୍ଥାନ ଏବଂ ସେମାନଙ୍କ ସୁରକ୍ଷା ସମ୍ପର୍କିତ ଉପସ୍ଥାପନ କରିଥିଲେ।

ଆଜିର ଏହି ସମ୍ମିଳନୀର ପ୍ରାରମ୍ଭରେ (ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା), ଆଇଜି, ଶ୍ରୀମତୀ ଏସ. ସାଇନି ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇଜି, କ୍ରାଇମବ୍ରାଞ୍ଚ, ଡ଼ଃ ସାର୍ଥକ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ

ଲୋକ ସମ୍ପର୍କ ଅଧିକାରୀ